# NATIONAL NEWS BULLETIN (ODIA)

## 11th May - 2026

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଆଗାମୀ ହଜାରେ ବର୍ଷପାଇଁ ନାଗରିକଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପାଳନ କରାଯାଉଛି ସୋମନାଥ ଅମୃତ ମହୋତ୍ସବ; କହିଲେ ପ୍ରଧାନମନ୍ତ୍ରୀ ।
- ଭାରତର ପ୍ରତିରକ୍ଷା ଉତ୍ପାଦନ ଏକ ଦଶନ୍ଧିରେ ୧୭୪ ଗୁଣ ବୃଦ୍ଧି ।
- ଦେଶରେ ପେଟ୍ରୋଲିୟମଜାତ ସାମଗ୍ରୀ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଥିବା ସରକାରଙ୍କ ସୂଚନା ।

ଏବଂ

- ଆଇ.ସି.ସି. ପୁରୁଷ ଅନ୍ତର୍ଜାତୀୟ ଦିନିକିଆ ର୍‍ୟାଙ୍କିଂ ତାଲିକାରେ ଶୀର୍ଷରେ ଭାରତ ।

# ପି.ଏମ୍. - ସୋମନାଥ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ ଆଜି ଆତ୍ମବିଶ୍ୱାସର ସହ ଆଗେଇ ଚାଲିଛି ଏବଂ ଦେଶ ପ୍ରଗତିରେ ସାଂସ୍କୃତିକ ଐତିହ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଗୁଜରାଟର ପ୍ରଭାସ ପାଟନ ସୋମନାଥ ମନ୍ଦିରଠାରେ ଆୟୋଜିତ ସୋମନାଥ ଅମୃତ ପର୍ବ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମୋଦି କହିଛନ୍ତି, ଶତାବ୍ଦୀ ଧରି ଏହି ସାଂସ୍କୃତିକ ଐତିହ୍ୟ ସ୍ଥଳୀ ଦେଶ ପରିଚୟର ପ୍ରତୀକ ହୋଇପାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ସୋମନାଥ ମନ୍ଦିରର ପୁନଃନିର୍ମାଣ କରି ସମଗ୍ର ବିଶ୍ୱକୁ ଭାରତ ସ୍ୱାଭିମାନର ସହିତ ନିଜର ଐତିହ୍ୟକୁ ସଂରକ୍ଷଣ କରିପାରେ ବୋଲି ପ୍ରଦର୍ଶିତ କରିଛନ୍ତି ।

***Voice (PM Somanath)*** :.......

ପ୍ରଧାନମନ୍ତ୍ରୀ କହିଛନ୍ତି, ସୋମନାଥ ଅମୃତ ମହୋତ୍ସବ କେବଳ ଅତୀତକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ପାଳିତ ହେଉ ନାହିଁ; ବରଂ ଆଗାମୀ ହଜାରେ ବର୍ଷପାଇଁ ନାଗରିକଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହା ପାଳିତ ହେଉଛି । ନିଜର ଐତିହ୍ୟ ସଂରକ୍ଷଣଦ୍ୱାରା ଗୋଟିଏ ରାଷ୍ଟ୍ର ବଞ୍ଚି ରହିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

୧୯୯୮ ମସିହାରେ ହୋଇଥିବା ପରମାଣୁ ପରୀକ୍ଷଣକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଛନ୍ତି । ପୋଖରାନ-୨ଠାରେ ହୋଇଥିବା ପରମାଣୁ ପରୀକ୍ଷଣ

ଜରିଆରେ ଭାରତର ବୈଜ୍ଞାନିକମାନେ ବିଶ୍ୱ ନିକଟରେ ଦେଶର କ୍ଷମତାକୁ ପ୍ରଦର୍ଶିତ କରିପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM Neuclear)*** **:.......**

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପବିତ୍ର ସୋମନାଥ ମନ୍ଦିର ଉପରେ ଉଡୁଥିବା ଧ୍ୱଜା ଭାରତ ବିଶ୍ୱାସର ବିଜୟ ପ୍ରତୀକ ଏବଂ କୋଟି କୋଟି ଭାରତୀୟଙ୍କ ସାମୂହିକ ଚେତନାର ଦିବ୍ୟ ପରିପ୍ରକାଶ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଏହି ଧ୍ୱଜା ସର୍ବଦା ଦେଶର ଗରିମାର ଗୁଣଗାନ କରିବ ଏବଂ ଏଥିନିମନ୍ତେ ପ୍ରତ୍ୟେକ ନାଗରିକଙ୍କୁ ପ୍ରେରଣା ଯୋଗାଇବ ।

## ଜିତେନ୍ଦ୍ର ସିଂହ - ଟେକ୍ ଡେ

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ' ପ୍ରଧାନମନ୍ତ୍ରୀ ଦେଇଥିବା ୭ସୂତ୍ରୀ ଆହ୍ୱାନକୁ ଦେଶବାସୀ ପାଳନ କରିବାକୁ କହିଛନ୍ତି । ନୂଆଦିଲ୍ଲୀରେ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ଡକ୍ଟର ସିଂହ କହିଛନ୍ତି, ଏହି ଦିବସ ୧୯୯୮ ମସିହାରେ ହୋଇଥିବା ପୋଖରାନ ପରୀକ୍ଷଣର ସଫଳତାକୁ ସ୍ମରଣ କରାଉଛି । ଗତ ଦଶନ୍ଧିରେ ଭାରତର ପ୍ରତିରକ୍ଷା ଉତ୍ପାଦନ ୧୭୪ ଗୁଣ ବୃଦ୍ଧି ପାଇ ୧ ଦଶମିକ ୫୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚି ପାରିଛି । ସେହିପରି ଏକ ଦଶନ୍ଧିରେ

ପ୍ରତିରକ୍ଷା ରପ୍ତାନୀ ପରିମାଣ ୩୪ ଗୁଣ ବୃଦ୍ଧି ପାଇଛି । ଡକ୍ଟର ସିଂହ' ଘରୋଇ-ରାଷ୍ଟ୍ରୟତ୍ତ ଭାଗିଦାରିତା ସମ୍ପର୍କ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ୨୦୧୪ ମସିହାରେ ଦେଶରେ ମାତ୍ର ୩୫୦ଟି ଷ୍ଟାର୍ଟଅପ୍ ରହିଥିଲା । ସମ୍ପ୍ରତି ଦେଶରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛି । ବିଶ୍ୱର ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌ରେ ଭାରତ ତୃତୀୟ ସ୍ଥାନ ଅଧିକାର କରିପାରିଛି ବୋଲି ଡକ୍ଟର ସିଂହ କହିଛନ୍ତି ।

## ପୁଡୁଚେରୀ - ସ୍ୱିୟରିଂ ଇନ୍

ଏନ୍.ଡି.ଏ.ର ବରିଷ୍ଠ ନେତା ଏନ୍. ରଙ୍ଗାସାମୀ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଉପରାଜ୍ୟପାଳ କେ. କୈଳାସନାଥନ୍ ଆସନ୍ତା ବୁଧବାର ଦିନ ଲୋକନିବାସଠାରେ ଶ୍ରୀ ରଙ୍ଗାସାମୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ଆମ ସମ୍ବାଦଦାତା ଜଣାଇଛନ୍ତି, ବି.ଜେ.ପି. ନିର୍ବାଚନ ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ, ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ, ପୁଡୁଚେରୀ ବି.ଜେ.ପି. ଦାୟିତ୍ୱରେ ଥିବା ନିର୍ମଳ କୁମାର ସୁରଣ ଏବଂ ବି.ଜେ.ପି. ରାଜ୍ୟ ସଭାପତି ଭି.ପି. ରାମଲିଙ୍ଗମ୍ ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ରହିବେ ।

# ଡବ୍ଲୁ.ବି. - କ୍ୟାବିନେଟ୍ ଡିସିସନ୍ସ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ଆସନ୍ତା ୪୫ ଦିନ ମଧ୍ୟରେ ରାଜ୍ୟ ସୀମାନ୍ତରେ ବାଡ଼ ତିଆରିପାଇଁ ସୀମା ସୁରକ୍ଷା ବାହିନୀକୁ ଜମି ହସ୍ତାନ୍ତର କରାଯିବ । ନିର୍ବାଚନ ପରେ ପଶ୍ଚିମବଙ୍ଗରେ ଗଠିତ ନୂତନ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଶ୍ରୀ ଅଧିକାରୀ ମଧ୍ୟ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା ଏବଂ କେନ୍ଦ୍ର ସରକାରଙ୍କ ଅନ୍ୟାନ୍ୟ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରିବା ଲାଗି ଘୋଷଣା କରିଛନ୍ତି । ପଶ୍ଚିମବଙ୍ଗରେ ସରକାରୀ ଭାବେ ଆୟୁଷ୍ମାନ ଭାରତ ଯୋଜନାକୁ ସାମିଲ୍ କରାଯାଇଛି । ଏଥିସହିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାକୁ ହାତକୁ ନିଆଯାଇଛି । ଶ୍ରୀ ଅଧବକାରୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଖୁବ୍‌ଶୀଘ୍ର ରାଜ୍ୟରେ କାର୍ଯ୍ୟକାରୀ କରାଯିବ । ନିର୍ବାଚନ ପ୍ରଚାର ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସ୍କୁଲ୍ ଚାକିରି ଆବେଦନ କରିବାର ବୟସ ସୀମା ୫ ବର୍ଷ କୋହଳ ସମ୍ପର୍କରେ ଦେଇଥିବା ପ୍ରତିଶ୍ରୁତି ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛି । କ୍ୟାବିନେଟ୍‌ରେ ମଧ୍ୟ ଆଇ.ଏ.ଏସ୍., ଆଇ.ପି.ଏସ୍. ଏବଂ ରାଜ୍ୟ ପୁଲିସ୍ ଅଧିକାରୀଙ୍କୁ କେନ୍ଦ୍ରୀୟ ପ୍ରଶିକ୍ଷଣ ଦେବାପାଇଁ ନିଷ୍ପତ୍ତି ନିଆଯାଇଛି । ଶ୍ରୀ

ଅଧିକାରୀ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ୨୦୨୫ ଜୁନ୍ ଜନଗଣନା ସର୍କୁଲାରକୁ ପୂର୍ବ ସରକାର କାର୍ଯ୍ୟକାରୀ କରି ନ ଥିବାବେଳେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ କ୍ୟାବିନେଟ୍‌ରେ ମଞ୍ଜୁରି କରାଯାଇଛି ।

## ଗଭ୍ - ପେଟ୍ରୋଲିୟମ୍ ପ୍ରଡକ୍ଟ

ଦେଶରେ ପେଟ୍ରୋଲିୟମ୍‌ଜାତ ସାମଗ୍ରୀ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଭାରତ ନିକଟରେ ୬୦ ଦିନପାଇଁ ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍ ଏବଂ ୪୫ ଦିନ ଲାଗି ଏଲ୍.ପି.ଜି. ମହଜୁଦ ରହିଥିବା କୁହାଯାଇଛି । ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଶ୍ଚିମ ଏସିଆ ପରିସ୍ଥିତି ସଂକ୍ରାନ୍ତ ପଞ୍ଚମ ମନ୍ତ୍ରିସ୍ତରୀୟ ବୈଠକରେ ଏହି ସୂଚନା ପ୍ରଦାନ କରାଯାଇଛି । ବୈଠକରେ ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ସଂକ୍ରାନ୍ତରେ ଏବଂ ଜନସାଧାରଣଙ୍କ ଉପରେ ଏହାର ସର୍ବନିମ୍ନ ପ୍ରଭାବକୁ ହ୍ରାସ କରିବା ଲାଗି ଦେଶର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଛି । ଆମେରିକା-ଇସ୍ରାଏଲ୍-ଇରାନ ମଧ୍ୟରେ ଚାଲିଥିବା ବିବାଦର ୭୦ ଦିନରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ କେତେକ ରାଷ୍ଟ୍ର ସମେତ ଭାରତରେ ପେଟ୍ରୋଲିୟମ୍‌ଜାତ ସାମଗ୍ରୀ ମୂଲ୍ୟ ସ୍ଥିର ରହିଛି । ବୈଠକରେ

ବୈଦେଶିକ ବିନିମୟ ମୁଦ୍ରା ପାଣ୍ଠି ୭୦୩ ବିଲିୟନ୍ ଡଲାରରେ ସ୍ଥିର ରହିଥିବା ସୂଚନା ଦିଆଯାଇଛି । ଭାରତ ହେଉଛି ବିଶ୍ୱର ତୃତୀୟ ସର୍ବବୃହତ୍ ତୈଳ ବିଶୋଧନକାରୀ ଏବଂ ଚତୁର୍ଥ ସର୍ବବୃହତ୍  ପେଟ୍ରୋଲିୟମ୍ ଜାତ ସାମଗ୍ରୀ ରପ୍ତାନୀକାରୀ ରାଷ୍ଟ୍ର । ଭାରତ ୧୫୦ଟି ଦେଶକୁ ପେଟ୍ରୋଲିୟମ୍‌ଜାତ ସାମଗ୍ରୀ ରପ୍ତାନୀ କରି ଘରୋଇ ଚାହିଦା ପୂର୍ଣ୍ଣ କରୁଛି ।

ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସାଧାରଣଙ୍କୁ ଦେଇଥିବା ଆହ୍ୱାନକୁ କଡ଼ାକଡ଼ି ଭାବେ ପାଳନ କରିବାପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା, ଅଶ୍ୱିନୀ ବୈଷ୍ଣବ, ହରଦୀପ ସିଂହ ପୁରି, କିରଣ ରିଜିଜୁ, କେ. ରାମମୋହନ ନାଇଡୁ, ସର୍ବାନନ୍ଦ ସୋନୋୱାଲ୍ ଏବଂ ଡକ୍ଟର ଜିତେନ୍ଦ୍ର ସିଂହ ଯୋଗ ଦେଇଥିଲେ ।

## ଇଣ୍ଟର ମିନିଷ୍ଟେରିଆଲ୍ ବ୍ରିଫିଂ

ନୂଆଦିଲ୍ଲୀରେ ଆୟୋଜିତ ଆନ୍ତଃ ମନ୍ତ୍ରଣାଳୟସ୍ତରୀୟ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ସରକାର ଉପଭୋକ୍ତାମାନଙ୍କୁ ତୈଳ ଯୋଗାଣ ସୁନିଶ୍ଚିତ କରିଛନ୍ତି । ଗତ ୩ ଦିନ ମଧ୍ୟରେ ୧ କୋଟି ୨୬ ଲକ୍ଷ ଏଲ୍.ପି.ଜି. ଗ୍ୟାସ୍ ବୁକିଂ କରାଯାଇଥିବାବେଳେ ଉପଭୋକ୍ତାମାନଙ୍କୁ ୧ କୋଟି ୧୪ ଲକ୍ଷ

ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯାଇଛି । ଶ୍ରୀମତୀ ଶର୍ମା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନସାଧାରଣଙ୍କୁ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ହ୍ରାସ କରିବା ସହ ସରକାରୀ ପରିବହନ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ।

## ଏନ୍‌ଭାର୍ଣ୍ଣମେଣ୍ଟ - ସି.ଆଇ.ଆଇ. ସମ୍ମିଟ୍

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦର ଯାଦବ କହିଛନ୍ତି, ବ୍ୟାଘ୍ର ସଂରକ୍ଷଣ, ପରିବେଶ ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ଅନୁଧ୍ୟାନ ପାଇଁ କମ୍ପାନୀ ସହାୟତା ପାଣ୍ଠିର ଆବଶ୍ୟକତା ରହିଛି । ନୂଆଦିଲ୍ଲୀରେ ସି.ଆଇ.ଆଇ. ବାର୍ଷିକ ବାଣିଜ୍ୟ ସମ୍ମିଳନୀରେ ଯୋଗଦେଇ ବିଶ୍ୱର ବ୍ୟାଘ୍ର ସଂରକ୍ଷଣ ଉଦ୍ୟମ ଦିଗରେ ଉଦ୍ୟୋଗପତିମାନେ ସକ୍ରିୟ ଭାବେ ସମର୍ଥନ ଜଣାଇବାକୁ ଶ୍ରୀ ଯାଦବ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଆନ୍ତର୍ଜାତିକ ବ୍ୟାଘ୍ର ମେଣ୍ଟ ଅଧୀନରେ ଆସନ୍ତା ମାସ ୧ ଏବଂ ୨ ତାରିଖରେ ଭାରତ ପ୍ରଥମ ଅନ୍ତର୍ଜାତୀୟ ବ୍ୟାଘ୍ର ଶିଖର ସମ୍ମିଳନୀ ଆୟୋଜନ କରିବ ।

## ଇରାନ-ୟୁ.ଏସ୍. ଇସ୍ୟୁ

ଇରାନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଚାଲିଥିବା ବିବାଦର କୌଣସି ସ୍ଥାୟୀ ସମାଧାନ ହୋଇପାରୁ ନାହିଁ । ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରସ୍ଥିତି ଏବଂ ଅସ୍ଥିରତାର ସମାଧାନପାଇଁ ଅନ୍ତର୍ଜାତୀୟ ସ୍ତରରେ ଉଦ୍ୟମ ଏବଂ ଯୁଦ୍ଧବିରତି ସତ୍ତ୍ୱେ ବିବାଦର ଅନ୍ତ ହୋଇ ନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚଳିତ ସପ୍ତାହରେ ଚୀନ ଗସ୍ତ ଅବସରରେ ସେଠାକାର କର୍ତ୍ତୃପକ୍ଷଙ୍କ ସହ ଇରାନ୍ ସହ ଚାଲିଥିବା ବିବାଦ ସମ୍ପର୍କରେ ଆଲୋଚନା କରିବାର ସମ୍ଭାବନା ରହିଛି ।  ଇରାନ୍ ପକ୍ଷରୁ ଆମେରିକାକୁ ଦିଆଯାଇଥିବା ପ୍ରସ୍ତାବ କୋହଳ କରିବାପାଇଁ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ସମର୍ଥନ ଲୋଡ଼ିପାରନ୍ତି । ଚୀନ୍ ହେଉଛି ଇରାନ୍‌ର ସର୍ବବୃହତ ଅଶୋଧିତ ତୈଳ କ୍ରୟ କରୁଥିବା ରାଷ୍ଟ୍ର ।

## ଇଣ୍ଡିଆ - ଓ.ଡ଼ି.ଆଇ. ର୍‍ୟାଙ୍କିଂ

ଆଇ.ସି.ସି. ପୁରୁଷ ଅନ୍ତର୍ଜାତୀୟ ଦିନିକିଆ ଦଳ ର୍‍ୟାଙ୍କିଂରେ ଭାରତ ଶୀର୍ଷ ସ୍ଥାନ ବଜାୟ ରଖିଛି । ଆଇ.ସି.ସି. ପକ୍ଷରୁ ଆଜି ପ୍ରକାଶିତ ବାର୍ଷିକ ରିପୋର୍ଟରେ ଏହା ଦର୍ଶାଯାଇଛି । ଭାରତର ରେଟିଂ ୧ ପଏଣ୍ଟ ହ୍ରାସ ପାଇ

୧୧୮ରେ ପହଞ୍ଚିଛି । ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଅଧିକ ୨ ପଏଣ୍ଟ ପାଇ ୧୧୩ରେ ପହଞ୍ଚିଛି । ଅଷ୍ଟ୍ରେଲିଆ ୧୦୯ ପଏଣ୍ଟ୍ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି । ବିଶ୍ୱ କ୍ରିକେଟ୍ ଜଗତରେ ଭାରତ ତା'ର ସ୍ଥିତି ଅତୁଟ ରଖିଛି । ସେହିପରି ଗତ ସପ୍ତାହରେ ପ୍ରକାଶିତ ରିପୋର୍ଟରେ ପୁରୁଷ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ ତାଲିକାରେ ଭାରତ ପ୍ରଥମ ସ୍ଥାନରେ ରହିଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ପଞ୍ଜାବ କିଙ୍ଗ୍‌ସ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଦିଲ୍ଲୀ କ୍ୟାପିଟାଲ୍‌ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

*****